# Akashvani, Sambalpur

## SAMBALPURI NEWS BULLETIN

### 23 September 2025 – 6.47- 6.52 am.

*******************************************************

ଜାତୀୟ ଚଳଚ୍ଚିତ୍ର ପୁରସ୍କାର୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀର୍ ବିଜ୍ଞାନ୍ ଭବନ୍ ନ ୭୧ ନମ୍ବର୍ ଜାତୀୟ ଚଳଚ୍ଚିତ୍ର ପୁରସ୍କାର୍ ଆଏଜ୍ ପ୍ରଦାନ୍ କର୍‌ବେ । ଭିନ୍ ଭିନ୍ ବର୍ଗଥି ପୁରସ୍କାର୍ ପାଏବାର୍ ଲାଗି ମନୋନୀତ୍ ହେଇଥିବା ଅଭିନେତା, ନିର୍ଦ୍ଦେଶକ୍ ଆର୍ ପ୍ରଯୋଜକମାନେ ଇ ସମାରୋହଥି ଉପସ୍ଥିତ୍ ରହେବେ । ରାଷ୍ଟ୍ରପତିଙ୍କର୍ ସହେତେ କେନ୍ଦ୍ର ସୂଚନା ଆଉ ପ୍ରସାରଣ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ଆଉ ଅଲ୍‌ଗା ବରିଷ୍ଠ ଅତିଥି ମାନେ ଉପସ୍ଥିତ୍ ରହେବେ ବଲି ଜନାପଡ଼ିଛେ । ଇ ଅବ୍‌ସରେ 'ପୁଷ୍କରା'କେ ଓଡ଼ିଆ ଚଳଚ୍ଚିତ୍ର ବର୍ଗଥି ଶ୍ରେଷ୍ଠ ସିନ୍‌ମା ଭାବେ ପୁରସ୍କୃତ୍ କରାଯିବା ।

ରତ୍ନଭଣ୍ଡାର- ରତ୍ନ ସ୍ଥାନାନ୍ତର ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ଅସ୍ଥାୟୀ ରତ୍ନଭଣ୍ଡାର୍‌ନୁ ମରାମତି ହେଇଥିବା ସ୍ଥାୟୀ ରତ୍ନଭଣ୍ଡାର୍‌କେ ମାହାପୁରୁମାନ୍‌କର୍ ରତ୍ନ ଅଳଙ୍କାର୍

ସ୍ଥାନାନ୍ତର୍ କରାଯିବା । ରାଜ୍ୟ ସର୍କାର୍ଙ୍କର୍ ମାର୍ଗଦର୍ଶିକା ଅନ୍ସାରେ ଦିନର୍ ୧୦ ବଜେନୁ ପ୍ରକ୍ରିୟା ମୁଲ୍ ହେବା । ଇଥିର୍ଲାଗି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍ଫୁ ଗୁଟେ ୧୧ ଝନିଆ କମିଟି ଗଠନ୍ କରାଯାଇଛେ । ରତ୍ନ ସ୍ଥାନାନ୍ତର୍ ଲାଗି ଆଏଜ୍ ଶ୍ରୀମନ୍ଦିର୍ ନ ଆଗ୍ତୁରା ନୀତିକାନ୍ତି ମୁଲ୍ ହେଇଯାଇଛେ । ପହପହ ୪ ବାଜିକରି ୪୦ ମିନିଟ୍ଥି ଶ୍ରୀମନ୍ଦିର୍ ଦୁଆର ଫିଟାଯାଇକରି ନୀତିକାନ୍ତି ମୁଲ୍ ହେଇଛେ ବଲି ଆମର୍ ସମ୍ବାଦଦାତା ସୂଚ୍ନା ଦେଇଛନ୍ ।

ରତ୍ନ ସ୍ଥାନାନ୍ତର୍ ଲାଗି ଆଏଜ୍ ଦିନର୍ ୧୦ ବଜେନୁ ସର୍ବସାଧାରଣ ଦର୍ଶନ୍ ବନ୍ଦ୍ ରହେବା । ମାତରକ ମହାପ୍ରସାଦ୍ ପାଏବାର୍କେ ଇଚ୍ଛୁକ ଭକ୍ତମାନେ ମହାପ୍ରସାଦ୍ ପାଇପାର୍ବେ । ରତ୍ନ ସ୍ଥାନାନ୍ତର୍ ହେଲା ଉତ୍ରୁ ଲୁକେ ଫେର୍ ଦର୍ଶନ୍ କରିପାର୍ବେ ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ଜାତୀୟ ଆୟୁର୍ବେଦ୍ ଦିବସ୍ ଆର୍ଏନ୍ୟୁ ସମ୍ବଲପୁର୍

ଆୟୁର୍ବେଦ୍ର ପ୍ରଚାର୍ ପ୍ରସାର୍ ଲାଗି ଆଏଜ୍ ଜାତୀୟ ଆୟୁର୍ବେଦ୍ ଦିବସ୍ ପାଲନ୍ କରାଯାଉଛେ । ମୁନୁସ୍ ଆର୍ ଜୀବଜଗତ୍ ସହେତେ ପରିବେଶ୍ର ସନ୍ତୁଲନ୍ ରକ୍ଷା କର୍ବାର୍ ଦିଗେ ଆୟୁର୍ବେଦ୍କେ ମୁଖ୍ୟସ୍ରୋତଥି ଆଗ୍କେ ବଢ଼ାବାର୍ ଲାଗି ଆଝିର୍ ଦିନ୍କେ ଜାତୀୟ

ଆୟୁର୍ବେଦ୍ ଦିବସ୍ ଭାବେ ସାରାଦେଶେ ପାଲନ୍ କରାଯାଉଛେ । ଇ ବଛ୍ରର୍ ବାର୍ତା ହେଉଛେ ‘ପୃଥ୍ରି ଆର୍ ସାଧାରଣ୍ ଲୁକ୍କର୍ ଲାଗି ଆୟୁର୍ବେଦ୍’ । ସୂଚ୍ନା ଅନ୍ସାରେ ଫି’ ବଛର୍ ଧନ୍ତେରସ୍ ଦିନ ଜାତୀୟ ଆୟୁର୍ବେଦ୍ ଦିବସ୍ ପାଲନ୍ କରାଯାଉଥିଲା । ଇଟାକେ ଗୁଟେ ତାରିଖ୍ରି ପାଲନ୍ କର୍ବାର୍ ଲାଗି ଇ ବଛର୍ ଆୟୁସ୍ ମନ୍ତ୍ରଣାଲୟ ତର୍ଫୁ ସେପ୍ଟେମ୍ବର୍ ୨୩ ତାରିଖ୍କେ ଜାତୀୟ ଆୟୁର୍ବେଦ୍ ଦିବସ୍ ଭାବେ ଘୋଷ୍ନା କରାଯାଇଛେ ।

ଇ ଅବ୍ସରେ ଆଏଜ୍ ସାରା ଦେଶେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ମାନ୍ ପାଲନ୍ କରାଯାଉଛେ । ଭୁବ୍ନେଶ୍ୱର୍ ଜୟଦେବ୍ ଭବନ୍ ଠାନେ ହେବାର୍କେ ଥିବା ରାଜ୍ୟସ୍ତରୀୟ ଆୟୁର୍ବେଦ୍ ଦିବସ୍ ସମାରୋହଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ସହେତେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ମଦ୍ ଦୁକାନ୍- ଅବକାରୀ ବିଭାଗ୍ I&PR

ରାଏଜେ ଆଉ ନୂଆଁ ମଦ୍ ଦୁକାନ୍ ଖୁଲ୍ବାର୍କେ ନେଇକରି ସର୍କାର୍ଙ୍କର୍ ପାଖେ କେନ୍ସି ପ୍ରସ୍ତାବ୍ ନାଇଁନ ବଲି ଅବକାରୀ ବିଭାଗ୍ ତର୍ଫୁ କୁହାଯାଇଛେ । ବିଭାଗ୍ର ସୂଚ୍ନା ଅନ୍ସାରେ ରାଜ୍ୟ ସର୍କାର୍ ବେଆଇନ୍ ମଦ୍ ଆର୍ ନିଶା କାର୍ବାର୍ ରୁକ୍ବାର୍ ଦିଗେ ଆଭିମୁଖ୍ୟ

ସବୁବେଳେ ସ୍ୱଷ୍ଟ ରଖିଛନ୍ । ଇ କ୍ଷେତ୍ରଥି ରାଜସ୍ୱ ଆଦାୟ ବଦ୍‌ଲା ଲୁକ୍‌କର୍ ଧନ୍‌ଜୀବନ୍‌କେ ଅଏତ୍‌କା ଗୁରୁତ୍ୱ ଦଉଛନ୍ । ନିୟମିତ୍ ଚଢ଼ଉ କରିକରି ନିଶା ବିରୋଧିଥି ସଚେତନ୍ କରୁଛନ୍ ।

ମଧ୍ୟସ୍ଥତା କର୍ମଶାଳା I&PR

ଆଏବା ୨୮ ତାରିଖ୍ ରାଏଜେ ହେବାର୍‌କେ ଥିବା ଜାତୀୟ ମଧ୍ୟସ୍ଥତା କର୍ମଶାଳାର ତୟାରି ବାବ୍‌ଦେ ଗଲାକାଏଲ୍ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ସମୀକ୍ଷା କରିଛନ୍ । ପହେଲାକରି ଇ କର୍ମଶାଳା ଓଡ଼ିଶା ନ ହେବାର୍‌କେ ଯାଉଥିବାର୍ ବେଳେ ସୁପ୍ରିମ୍‌କୋର୍ଟ ପ୍ରଧାନ୍ ବିଚାର୍‌ପତିଙ୍କର୍ ସହେତେ ବହୁତ୍ ବିଚାର୍‌ପତି ଇଥି ଯୋଗ୍ ଦେବେ । ଇତାକେ ନଜର୍‌ଥି ରଖିକରି ସବୁ ବିଭାଗ୍‌ର ସମନ୍ୱୟଥି ତୟାରି କର୍‌ବାର୍‌କେ ଆଇନ୍‌ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ ପରାମର୍ଶ ଦେଇଛନ୍ । କର୍ମଶାଳାକେ ନେଇକରି ଗୁଟେ ଖାସ୍ କଂଟ୍ରୋଲ୍ ରୁମ୍ ଗଠନ୍ କରାଯିବା । ବିଚାର୍‌ପତି ଆଉ ଭିଆଇପି ମାନ୍‌କର୍ ପ୍ରୋଟୋକୋଲ୍ ଉପ୍‌ରେ ଅଏତ୍‌କା ଜୋର୍ ଦିଆଯିବା ବଲି ମନ୍ତ୍ରୀ କହିଛନ୍ ।

ସେବା ପର୍ବ-ଅଣସଙ୍ଗଠିତ୍ କ୍ଷେତ୍ର ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ର ସର୍‌କାର୍ 'ସେବା ଆଉ ସୁଶାସନ୍' ଆର୍ 'ଜନସେବା ଆଉ ସୁଶାସନ୍' ମନ୍ତ୍ରଥି ପରିଚାଲିତ୍ ହେଇକରି ସାଧାରଣ୍ ଲୁକ୍‌କର୍ କଲ୍ୟାଣ୍ ଲାଗି ଭିନ୍ ଭିନ୍ ପଦକ୍ଷେପ୍ ନେଉଛନ୍ । ଖାସ୍ ଧାରାବାହିକ୍ ସେବା ପର୍ବର୍ ଇ କଡ଼ିଥି ଆଏଜ୍ ଜାନ୍‌ମା ବହୁତ୍‌ଟେ ଜନକଲ୍ୟାଣକାରୀ ପଦ୍‌କ୍ଷେପ୍, ସାମାଜିକ୍ ସୁରକ୍ଷା ଆଉ ଆର୍ଥିକ୍ ଅନ୍ତର୍ଭୁକ୍ତୀକରଣ ସାଙ୍ଗେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ସରକାର କେନ୍ତାକରି ଅଣସଙ୍ଗଠିତ୍ କ୍ଷେତ୍ରକେ ବର୍‌କସ୍ କରିଛନ୍ । ଗଲା ବଛର୍ ପିଏମ୍ ସ୍ୱନିଧି ହିତାଧିକାରୀମାନ୍‌ଙ୍କୁ ଉଦ୍‌ବୋଧନ୍ ଦେଇକରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଥିଲେ, ତୁମର୍ ପାଖେ ଯଦି ବନ୍ଧା ରଖିବାର୍‌କେ କିଛି ନାଇଁ ନ, ମୋଦୀ ତୁମର୍ ଗେରେଂଟି ରହେବା ।

(ଭଏସ୍ ଓଭର- ପ୍ରଧାନମନ୍ତ୍ରୀ)

ବିକଶିତ୍ ଭାରତ୍ -୨୦୪୭ -କର୍ମଶାଳା  ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନେସ୍‌ନାଲ୍ କଲେଜ୍ ପରିସର୍ ନ ବିକଶିତ୍ ଭାରତ୍ -୨୦୪୭ ବିଷେଥି ଗୁଟେ କର୍ମଶାଳା ସହେତେ ଜିଲ୍ଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ହେଇଯାଇଛେ । ମହାବିଦ୍ୟାଳୟର୍ ଅଧ୍ୟକ୍ଷ ହିତେଶ୍ କୁମାର୍ ସାହୁଙ୍କର୍ ସଭାପତିତ୍ୱଥି ଡକ୍ଟର୍ କମଲ୍ କିଶୋର୍ ପଣ୍ଡା ଅତିଥି ଭାବେ ଯୋଗ୍ ଦେଇକରି ବିକଶିତ୍ ଭାରତ୍-୨୦୪୭ ଲକ୍ଷ୍ୟ ବାବ୍‌ଦେ ଛାତ୍ରଛାତ୍ରୀମାନ୍‌କୁ ବୁଝେଇଥିଲେ ।

ଜନଜାତି ଯୁବ ଆଦାନ୍ ପ୍ରଦାନ୍ କଲାହାଣ୍ଡି ସମ୍ବାଦଦାତା

ମେରା ଯୁବା ଭାରତ୍‌ର କଲାହାଣ୍ଡି ଶାଖା ଆଉ ସିଆର୍‌ପିଏଫ୍‌ର ୬୪ ବାଟାଲିୟନ୍ ତର୍‌ଫୁ ଭବାନୀପାଟ୍‌ନା ଠାନେ ଜନଜାତି ଯୁବ ଆଦାନ୍ ପ୍ରଦାନ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାର୍ ଆଦିବାସୀ ଅଧ୍ୟୁଷିତ୍ ମଦନ୍‌ପୁର୍ ରାମ୍‌ପୁର୍ ବ୍ଲକ୍ ଆର୍ ଭିନ୍ ଭିନ୍ ଇଲାକା ନ ୨୦ ଝନ୍ ଯୁଆନ୍ ପିଲାଟୁକେଲ୍ ଉତର୍‌ପ୍ରଦେଶ୍ ଯାତ୍ରା କରିଛନ୍ । ସେପ୍ଟେମ୍ବର୍ ୨୫ ନୁ ଅକ୍ଟୋବର୍ ୧ ତାରିଖ୍‌ତକ୍ ସେନ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ଇମାନେ ଯୋଗ୍‌ଦେବେ ।

ପାର୍ବତୀ ଗିରି ମହାବିଦ୍ୟାଳୟ ବର୍‌ଗଡ୍ ସମ୍ବାଦଦାତା

ବର୍‌ଗଡ୍ ପାର୍ବତୀ ଗିରି ମହାବିଦ୍ୟାଳୟ ନ ଶିକ୍ଷା ବିଭାଗ୍ ତର୍‌ଫୁ 'ଆମ ବିଦ୍ୟାଳୟ ଆଉ ଗୁଣାତ୍ମକ ଶିକ୍ଷା' ଶୀର୍ଷକ୍ ଆଲୋଚନାଚକ୍ର ହେଇଯାଇଛେ । ଆଲୋଚନାଚକ୍ରଥି ଅତିଥିମାନେ ଛାତ୍ର ଜୀବନ୍‌ର ଶୃଙ୍ଖଳା, କଠିନ୍ ପରିଶ୍ରମ୍, ପିଲାମାନ୍‌କୁ ସଫଲ୍‌ତାର୍ ଶିଘାଥି ପୁହୁଁଚାସି ବଲି କହିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ପୂର୍ବ ବଙ୍ଗୋପ୍‌ସାଗର୍ ଆଉ ତାର୍ ପାଖର୍ ଇଲାକା ନ ଗୁଟେ ଲଘୁଚାପ୍ କ୍ଷେତ୍ର ବନିଛେ । ଇତାର୍ ପ୍ରଭାବ୍‌ଥି ରାଜ୍ୟର୍ ବଡ଼ଭାଗୀ ଜାଗା ନ ବର୍ଷା ଲାଗି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ପାଖାପାଖି ସବୁ ଜିଲ୍ଲା ନ ଘଡ଼୍‌ଘଡ଼ି ସହେତେ ବର୍ଷା ହେଇପାରେ । କେନ୍ଦୁଝର୍, ମୟୁର୍‌ଭଞ୍ଜ୍ ଆର୍ କୋରାପୁଟ୍ ଜିଲ୍ଲା ନ ଘଡ଼୍‌ଘଡ଼ି ସହେତେ ଅତି ଜବର୍ ବର୍ଷା ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।